## ୨୬ ଖଣ୍ଡ ସାଗୁଆନ୍ କାଠ ଜବତ, ୨ ଗିରଫ

ଗୁଣପୁର,(ଡି.ଏନ୍.ଏ.)- ଚୋରାଚାଲାଣ ବେଳେ ରାୟଗଡ଼ା ଜିଲା ଗୁଣପୁର ବନ ବିଭାଗ ଶୁକ୍ରବାର କାଠ ବୋଝେଇ ଏକ ମ୍ୟାକ୍ସ ପିକ୍ଅପ୍ ଜବତ କରିଛି। ସେଥିରୁ ୨୬ ଖଣ୍ଡ ସାଗଆନ କାଠ ଜବତ କରାଯାଇଥିବା ରେଞ୍ଜର ରଞ୍ଜନ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପୁଟାସିଂ ଅଞ୍ଚଳରୁ ପିକ୍ଅପ୍ ଯୋଗେ କାଠ ଗୁଣପୁର ଆସିଥିଲା। ଖବର ପାଇ ଜଙ୍ଗଲ ବିଭାଗ ପକ୍ଷରୁ ଗାଡ଼ିଟିକୁର ବିକ୍ରମପର ଠାରେ ଅଟକାଇଥିଲା। କାଠ ଜବତ କରାଯିବା ସହ ଗାଡ଼ି ମାଲିକ ଥୋମାସ୍ ଶବର ଏବଂ ଚାଳକ ଆବ୍ରାହମ୍ ଶବରଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଯୁବ ରେଡକ୍ରସ୍ ପରାମର୍ଶଦାତା ଡ. ରଞ୍ଜନ ସ୍ୱାଇଁ ସମ୍ମାନିତ

ମାଲକାନଗିରି,୧୬।୧୦ (ସ୍ୱ.ପ୍ର.)- ଭାରତୀୟ ରେଡକ୍ରସ ସଂସ୍ଥାର ବାର୍ଷିକ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବର୍ଷ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ ସହ ବିଗତ ବର୍ଷରେ ଉପଲବ୍ଧି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମାଲକାନଗିରି ମହାବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ତଥା ଜିଲା ଯୁବ ରେଡକ୍ରସର ଆବାହକ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ରକ୍ତଦାନ ତଥା ଅନ୍ୟାନ୍ୟ ସାମାଜିକ କର୍ଯ୍ୟ ପାଇଁ ତାଙ୍କୁ ରେଡକ୍ରସର ମେରିଟ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ରେଡକ୍ରସ ଓଡ଼ିଶା ଶାଖାର ସମ୍ପାଦକ ସିଟିଏମ୍ ସୁଗୁଣା, କୋଷାଧ୍ୟକ୍ଷ ଡ. ମେଜର କଳ୍ପା ଦାସ, ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, ଜିଲାପାଳ ମନୀଷ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଡେପୁଟି କଲେକ୍ଟର ପ୍ରମୋଦ କୁମାର ବେହେରା ପ୍ରମୁଖ ଡ. ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇ ଏପରି କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

### ଗ୍ରାମ ସମସ୍ୟା ନେଇ ରାଲି କଲେ ନାଗଲୁରବାସୀ

ଚିତ୍ରକୋଣ୍ଡା,୧୬।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତସମିତି ଅନ୍ତର୍ଗତ ପାପୁଲୁର ପଞ୍ଚାୟତର ନାଗଲୁର ଗ୍ରାମବାସୀ ଶୁକ୍ରବାର ଗ୍ରାମର ବିଭିନ୍ନ ସମସ୍ୟା ନେଇ ରାଲି କରିଛନ୍ତି। ପ୍ଲା କାର୍ଡ, ପୋଷ୍ଟର ଓ ବ୍ୟାନର ଧରି ଗ୍ରାମର ଦୀର୍ଘଦିନ ହେଲା ରହିଥିବା ସମସ୍ୟାଗୁଡିକ ସମାଧାନ କରିବାକୁ ଦାବି କରିଛନ୍ତି। ପାପୁଲୁରଠାରୁ ନାଗଲୁର ପର୍ଯ୍ୟନ୍ତ ହେଉଥିବା ୬ କିମି ଘାଟି ରାସ୍ତା ଚଉଡା କରିବା, ଗ୍ରାମରେ ବିଦ୍ୟାଳୟ ଗୃହ ନିର୍ମାଣ, ଅଙ୍ଗନୱାଡି ଗୃହ ନିର୍ମାଣ ସହ ସେମାନଙ୍କ ଅନ୍ୟାନ୍ୟ ଦାବି ରହିଛି। ତୁରନ୍ତ ଏହାକୁ ସମାଧାନ ନ କଲେ ଜୋରଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଧର୍ମଶାଳାରୁ ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀଙ୍କ ଧାରଣା

ଦାମନଯୋଡି/ଲକ୍ଷ୍ମୀପୁର, ୧୬।୧୦ (ଡି.ଏନ.ଏ.)-କୋରାପୁଟ ଜିଲା ଲକ୍ଷ୍ମୀପୁର ପୁରୁଣା ବସ୍ଷ୍ଟାଣ୍ଡଠାରେ ରହିଛି ଏକ ଜଗନ୍ନାଥ ମନ୍ଦିର। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଯାତ୍ରୀଙ୍କ ରହଣି ଲାଗି ଏଠାରେ ଧର୍ମଶାଳା ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଏହାକୁ ଦୀର୍ଘ ଦିନ ଧରି ୨ଜଣ ମହିଳା ଜବରଦଖଲ କରି ରଖିଛନ୍ତି। ସେମାନଙ୍କୁ ଏଠାରୁ ଚାଲିଯିବାକୁ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଉଥିଲେ ମଧ ଉଭୟେ ଶୁଣୁନାହାନ୍ତି। ଏନେଇ ଗ୍ରାମବାସୀ ଶୁକ୍ରବାର ଲକ୍ଷ୍ମୀପୁର ତହସିଲଦାର ମଧୁମିତା ପାମେଲା କରଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ତହସିଲଦାର ଗ୍ରାମବାସୀଙ୍କ କଥାର ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏହାର ପ୍ରତିବାଦରେ ଗ୍ରାମବାସୀ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣାରେ ବସିଥିଲେ। ୪ଘଣ୍ଟା ଧାରଣାରେ ବସିବା ପରେ ତହସିଲଦାର ଗ୍ରାମବାସୀଙ୍କ ନିକଟକୁ ଆସି ଆଲୋଚନା କରିଥିଲେ। ଧର୍ମଶାଳାଟି କାହା ରେକର୍ଡରେ ରହିଛି। ଉକ୍ତ ଜମିର ଖାତା ଓ ଜମି ସମ୍ପର୍କରେ ତନଖି କରି ଏକ ୨ ଜଣିଆ କମିଟି ଗଠନ କରିବେ। ଉକ୍ତ କମିଟି ଅନୁଧାନ କରି ୪ ଦିନ ମଧରେ ରିପୋର୍ଟ ଦେବେ। ଏହାକୁ ଭିତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ଧାରଣା ପ୍ରତ୍ୟାହାର କରି ନେଇଥିଲେ।

# ବ୍ଲକ ଅଧ୍ୟକ୍ଷା, ଖବରଦାତାଙ୍କୁ ଟାର୍ଗେଟ୍ କରୁଛି ମହିଳା ଗୋଷ୍ଠୀ

**ଅଙ୍ଗନୱାଡି କେନ୍ଦ୍ର ପୋଷାକ କିଣା ପ୍ରସଙ୍ଗ**

ବୈପାରିଗୁଡ଼ା,୧୬।୧୦ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପୋଷାକ ବଣ୍ଟାରେ ହୋଇଥିବା ଦୁର୍ନୀତି ଖବର ପ୍ରକାଶ ପାଇବା ପରେ ଏବେ ଏକ ମହିଳା ଗୋଷ୍ଠୀ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ଖବରଦାତାମାନଙ୍କୁ ଟାର୍ଗେଟ୍ କରିଥିବା ଦେଖିବାକୁ ମିଳିଛି। ଶକ୍ରବାର ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାମାନେ ସମସ୍ତ ଖବରଦାତାମାନଙ୍କୁ ପ୍ରତିନିଧି ଓ ବ୍ଲକ ଅଧ୍ୟକ୍ଷା ସରୋଜିନି କାଣ୍ଡିକିଙ୍କ ବିରୋଧରେ ଲିପ୍ଲେଟ୍ ଛାପି ସର୍ବସାଧାରଣରେ ବାଣ୍ଟି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଉକ୍ତ ଲିପ୍ଲେଟ୍‌ରେ ବ୍ଲକ ଅଧ୍ୟକ୍ଷା କାଣ୍ଡିକି ଏବଂ ଖବରଦାତାମାନଙ୍କ ଚିରିତ୍ର ସଂହାର କରାଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ଗୋଷ୍ଠୀ ପ୍ରଶ୍ନ କରିବା ସହ ଅନେକଙ୍କ ଅପରାଧ ପୃଷ୍ଠଭୂମି ଥିବା କହିଛି। ଛତୁଆ ଯୋଗାଣ ପ୍ରସଙ୍ଗକୁ ଉଠାଇ ଏହା ଦାୟିତ୍ୱରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ନିମ୍ନମାନର ଛତୁଆ ପ୍ରଦାନ କରିଥିବା ଏବଂ ଏଥିରେ ବ୍ଲକ ଅଧ୍ୟକ୍ଷା ଓ ଖବରଦାତାମାନେ ସେମାନଙ୍କଠାରୁ ଉତ୍କୋଚ ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା କାଣ୍ଡିକିଙ୍କୁ ପଚାରିବାରୁ ସେ କହିଲେ ଯେ, ସମ୍ପୃକ୍ତା ମହିଳା ଗୋଷ୍ଠୀଙ୍କ ବିରୋଧରେ ସେ ମାନହାନି ତଥା ଆଟ୍ରୋସିଟି ମାମଲା କରିବେ। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ତଳେ ବ୍ଲକ ଅଧ୍ୟକ୍ଷା ଏକ ପୋଷାକ ବଣ୍ଟନ ସଭାରେ ଯୋଗଦେଇ କେତେକ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ପ୍ରଦାନ କରାଯାଥିବା ପୋଷାକ ନିମ୍ନମାନର ବୋଲି ମତ ଦେଇଥିଲେ।

# ଅନ୍ଧାରରେ ଜନବସତି, ପ୍ଲଟିଂ ଜମିରେ ଜଳୁଛି ଲାଇଟ୍


ପ୍ଲଟିଂ ଜମିରେ ଜଳୁଥିବା ଲାଇଟ୍ ।

ଜୟପୁର,୧୬।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ଅଧୀନରେ ଯାଉଥିବା ବିଭିନ୍ନ ବସ୍ତି ଅଞ୍ଚଳର ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ନାହିଁ। ଫଳରେ ଅଞ୍ଚଳବାସୀ ଅନ୍ଧାରରେ ରହିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଜମି ପ୍ଲଟିଂ ହୋଇଥିବା ଅଞ୍ଚଳ ଖୁଣ୍ଟିରେ ଲାଇଟ୍ ଜଳୁଛି। ଜନବସତିକୁ ଅନ୍ଧାରରେ ରଖି ଖାଲି ଜାଗାରେ ଲାଇଟ୍ ଦେବାକୁ ଅନେକ ଲୋକ ନାପସନ୍ଦ କରିଛନ୍ତି।

ସାହି ଓ ବସ୍ତି ଅଞ୍ଚଳର ଖୁଣ୍ଟରେ ଲାଇଟ ନ ଥିବା ଯୋଗୁ ଲୋକମାନେ ଅନ୍ଧାରରେ ହନ୍ତସନ୍ତ ହେଉଛନ୍ତି। ଏହିପରି ପୌରସଂସ୍ଥା ପକ୍ଷରୁ ନିଯୁକ୍ତ ଲାଇଟ ସଂଯୋଗ କରୁଥିବା ଠିକାଦାର ବିଭିନ୍ନ ଲୋକଙ୍କଠାରୁ ଟଙ୍କା ଦାବି କରିବା ସହିତ ସେମାନଙ୍କ ଘର ସମ୍ମୁଖ ବତିଖୁଣ୍ଟରେ ଅଧିକ ବିଦ୍ୟୁତ୍ ବ୍ୟୟ କରୁଥିବା ପୁରାତନ ସୋଡିୟମ ଏବଂ ମରକ୍ୟୁରି ଲାଇଟ ସଂଯୋଗ କରୁଥିବା ନେଇ ଅଭିଯୋଗ ହୋଇଛି। ଗୋଟିଏ ବତିଖୁଣ୍ଟରେ ବିଦ୍ୟୁତ୍ ଲାଇଟ ସଂଯୋଗ କରିବାକୁ ୨ହଜାର ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ସହରର ଲିଙ୍ଗରାଜନଗର, ଇରିଗେଶନ କଲୋନି, ପାରବେଢା କେନାଲ ରାସ୍ତା ଗ୍ଲୋକାଲ ମେଡିକାଲ ଛକରୁ ଜଗନ୍ନାଥ ସାଗର ରାସ୍ତାକୁ ସଂଯୋଗ କରୁଥିବା ବାଇପାସ୍ ରୋଡ୍ ଭଳି ଜନଶୂନ୍ୟ ରାସ୍ତାରେ ପୌରସଂସ୍ଥା ପକ୍ଷରୁ ଲାଇଟ୍ ସଂଯୋଗ କରାଯାଉଛି। ରିୟଲ ଇଷ୍ଟେଟ ମାଲିକଙ୍କୁ ସୁହାଇଲା ଭଳି ପୌରସଂସ୍ଥା ପକ୍ଷରୁ ଲାଇଟ୍ ସଂଯୋଗ କରାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି ପୌରସଂସ୍ଥାର କେତେଜଣ ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁ ସହରରେ ନୂତନ ଭାବେ ସଂଯୋଗ ହେବାକୁ ଥିବା ୮ହଜାର ନୂତନ ଖୁଣ୍ଟ ଏବଂ ଲାଇଟ ଆସିପାରିନାହିଁ। ଦାୟିତ୍ୱରେ ଥିବା ପୌର କର୍ମଚାରୀଙ୍କ ରିପୋର୍ଟରେ ଭୁଲ୍ ତଥ୍ୟ ପ୍ରଦାନ କରାଯାଇ କମ୍ ସଂଖ୍ୟକ ଖୁଣ୍ଟ ଓ ଲାଇଟ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଛି। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଦାୟିତ୍ୱରେ ଥିବା ଉପଜିଲାପାଳ ହେମକାନ୍ତ ସଏଙ୍କୁ ଯୋଗାଯୋଗ କରିବାରୁ ସହରରେ ବିଦ୍ୟୁତ୍ ଲାଇଟର ଅଭାବ ରହିଥିବା ନେଇ ସେ ସ୍ୱୀକାର କରିଛନ୍ତି। ଠିକାସଂସ୍ଥା ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କୋରାପୁଟ: ୧୭୨ଙ୍କୁ ଭୂମିହୀନ ପ୍ରମାଣପତ୍ର

କୋରାପୁଟ,୧୬।୧୦(ସ୍ୱ.ପ୍ର.)


ଅତିଥିମାନେ ଜଣେ ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ସରକାରଙ୍କ ଜାଗା ମିଶନ ଦ୍ୱାରା କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳର ବିଭିନ୍ନ ବସ୍ତିରେ ଦୀର୍ଘଦିନ ହେଲା ବସବାସ କରୁଥିବା ଲୋକଙ୍କୁ ଶୁକ୍ରବାର ଭୂମି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଟାଉନ ହଲଠାରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାଗା ମିଶନ ଯୋଜନାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ୧୭୨ ଜଣ ବସ୍ତିବାସିନ୍ଦାଙ୍କୁ ଯୋଗ୍ୟତା ପ୍ରମାଣପତ୍ର ବଣ୍ଟନ କରିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ନଗରପାଳ ଭଗବାନ ବାହିନୀପତି ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ସମସ୍ତେ ମାସ୍କ ପିନ୍ଧିଥିଲେ। ସାମାଜିକ ଦୂରତା ରକ୍ଷା କରିଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ୱେବିନାର

କୋରାପୁଟ,୧୬।୧୦(ସ୍ୱ.ପ୍ର.)

ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ୭୦ ବର୍ଷରେ ଭାରତର ସମ୍ବିଧାନରେ ସମାନତା ଓ ସାମାଜିକ ନ୍ୟାୟ ବ୍ୟବସ୍ଥା ଶୀର୍ଷକ ଏକ ଜାତୀୟ ୱେବିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଆଇ ରାମବ୍ରହ୍ମମ୍,ଆଇନ ବିଶେଷଜ୍ଞ ତଥା ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ, ବାଙ୍ଗାଲୋରସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆର. ଭେଙ୍କଟ ରାଓ ଯୋଗଦେଇ ୭୦ ବର୍ଷରେ ଭାରତ ସମ୍ବିଧାନର ସମାନତା ଓ ନାୟିକ ବ୍ୟବସ୍ଥା ଉପରେ ମତ ରଖିଥିଲେ । ସମ୍ବିଧାନରେ ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସମାନତା ଓ ବିଭିନ୍ନ ନ୍ୟାୟିକ ଦିଗ ଉପରେ ଆଲୋଚନା କରିଥିଲେ । ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସଂଯୋଜନା କରିଥିଲେ ।

## ଇନ୍‌ଭେଷ୍ଟର୍ସ ଆୱାରନେସ୍ ୱେବିନାର

ରାୟଗଡ଼ା ଅଫିସ,୧୬।୧୦

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର 'ଇନଭେଷ୍ଟର୍ସ ଆୱାର୍‌ନେସ୍' ବିଷୟରେ ଏକ ୱେବିନାର୍ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଭି. ଆର୍ ରତ୍ନଶ୍ରୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ପ୍ରଶିକ୍ଷକ(ଅଲ୍ ଇଣ୍ଡିଆ ବିଏଫ୍ଏସ୍ଆଇ) ରଘୁନନ୍ଦନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜଣେ ନିବେଶକ ଅର୍ଥ ନିବେଶ ପୂର୍ବରୁ କେଉଁ ଦିଗ ପ୍ରତି ଧ୍ୟାନଦେବା ଆବଶ୍ୟକ ସେ ନେଇ ଆଲୋଚନା କରାଯାଇଥିଲା। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ଲିଜା ରାଣୀ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରଶ୍ନ ଏବଂ ଉତ୍ତରଗୁଡ଼ିକୁ ବ୍ୟାଖ୍ୟା କରାଯାଇଥିଲା। ଏଥିରେ ବାଣିଜ୍ୟ ବିଭାଗର ସମସ୍ତ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଜିତେନ୍ଦ୍ର ସାରକା ଧନ୍ୟବାଦ ଦେଇଥିଲେ।

# କୁମ୍ଭକାରଙ୍କ କୌଳିକ ବୃତ୍ତି ବୁଡ଼ିଯିବା ଚିନ୍ତା

**ନାତିକୁ ତାଲିମ ଦେଉଛନ୍ତି ଭଗବାନ**

ଜୟପୁର,୧୬।୧୦(ଡି.ଏନ.ଏ )

କୌଳିକ ବୃତ୍ତି ପ୍ରତି ନୂତନ ପୀଢିଙ୍କ ଆଗ୍ରହ ନାହିଁ। ଫଳରେ ଏହା ଆଗାମୀ ଦିନରେ ଲୋପ ପାଇଯିବା ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଜଣେ ବ୍ୟକ୍ତି ତାଙ୍କ ୧୩ ବର୍ଷର ନାତିକୁ ମାଟିରେ ନିର୍ମିତ ଦୀପ, ହାଣ୍ଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ନିର୍ମାଣ ଶିକ୍ଷା ଦେଉଛନ୍ତି । ଏହିପରି ଘଟଣା କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତା ପଞ୍ଚାୟତର କୁମ୍ଭାରପୁଟ ଗ୍ରାମରେ ଦେଖିବାକୁ ମିଳିଛି। ଭଗବାନ କୁମ୍ଭାର ତାଙ୍କର ୭ମ ଶ୍ରେଣୀରେ ପଢୁଥିବା ନାତି ରବିନ୍ଦ୍ର କୁମ୍ଭାରଙ୍କୁ ନିଜ କୁମ୍ଭକାର ଶାଳରେ ତାଲିମ ଦେଉଛନ୍ତି । ଭଗବାନଙ୍କ ୩ ପୁଅ ରହିଥିଲେ ସୁଦ୍ଧା କୁମ୍ଭକାର ବୃତ୍ତିରେ କୌଣସି ଭବିଷ୍ୟତ ନ ଥିବା ଏବଂ ଆୟ ନ ଥିବା କହି ଚାଷ ଏବଂ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଭଗବାନ କେବେଳ ନିଜ ନାତି ନୁହେଁ ବରଂ ଅନ୍ୟ ଜାତିର ଛୋଟ ପିଲାଙ୍କୁ ଶିକ୍ଷା ପ୍ରଦାନ ନେଇ ଆଗ୍ରହ ଦେଖାଇଛନ୍ତି। ଭଗବାନ କହନ୍ତି ଏହି ବୃତ୍ତି ପ୍ରତି ସରକାରଙ୍କ କୌଣସି ପ୍ରୋତ୍ସାହନ କିମ୍ବା ସହାୟତା ନ ଥିବାରୁ ଏହି ବୃତ୍ତି ପ୍ରତି ଯୁବପୀଢୀ ଆଗ୍ରହ ଦେଖାଉନାହାନ୍ତି। ସୂଚନାଯୋଗ୍ୟ ଯେ, କୁମ୍ଭାରପୁଟ ଗ୍ରାମରେ ପ୍ରାୟ ୫୦୦ କୁମ୍ଭକାର ପରିବାର ଥିଲେ। ମାତ୍ର ୪୦ରୁ ୪୫ ପରିବାର ଏହି କୌଳିକ ବୃତ୍ତି କରୁଛନ୍ତି । ଅନ୍ୟମାନେ ଚାଷ, ଶ୍ରମିକ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରି ଜୀବୀକା ନିର୍ବାହ କରୁଛନ୍ତି।

# ସ୍ୱାମୀଙ୍କ ମୃତ୍ୟୁ ପରେ ଚିଟ୍‌ଫଣ୍ଡ ଟଙ୍କା ଧରି ସ୍ତ୍ରୀ ଫେରାର

ମାଲକାନଗିରି,୧୬।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଲା ସଦର ମହକୁମାରେ ରାଜୀବ ମଜୁମଦାର ନାମକ ଜଣେ ବ୍ୟକ୍ତି ୧୦ ବର୍ଷ ହେଲା ଏକ ସ୍କିମ୍ କରି ଏହା ମାଧ୍ୟମରେ ଲୋକଙ୍କଠାରୁ ମାସିକ ଲେଖାଏ ୨୫୦୦ ଟଙ୍କା ନେଉଥିଲେ। ପ୍ରତି ମାସରେ ଲକି ଡ୍ର ହୋଇଥାଏ। ଯାହାଙ୍କ ନାମ ଉଠେ ତାଙ୍କୁ ଏକ ବାଇକ୍ ମିଳେ। ୨୬ ମାସ ପୂରଣ ପରେ କିଛି ପାଇ ନ ଥିବା ଲୋକଙ୍କୁ ମଧ ଗୋଟିଏ ଲେଖାଏ ବାଇକ୍ ମିଳିଥାଏ। ଏପରି ଭାବେ ତାଙ୍କ ଚିଟ୍‌ଫଣ୍ଡ ଚାଲିଥଲା। ଏଥିରେ ତାଙ୍କୁ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସହାୟତା କରୁଥିଲେ। ତେବେ ଗତ ୩ମାସ ତଳେ ରାଜୀବଙ୍କ ମୃତ୍ୟୁ ହୋଇଯାଇଥିଲା। ଚିଟ୍‌ଫଣ୍ଡରେ ମିଶିଥିବା ଲୋକେ ସେମାନଙ୍କ ଅର୍ଥ ଫେରାଇ ଦେବାକୁ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସ୍ତ୍ରୀ କ୍ରିଷ୍ଣା ମଜୁମଦାରଙ୍କୁ କହିଥିଲେ। ସବୁ ଟଙ୍କା ସେପ୍ଟେମ୍ବରରେ ଫେରାଇବାକୁ ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କ୍ରିଷ୍ଣା ପ୍ରତିଶ୍ରୁତି ନ ରଖି ଚିଟ୍‌ଫଣ୍ଡ ଟଙ୍କା, ଓ ଘରର ଆସବାବପତ୍ର ଧରି କୋଲକତା ଫେରାର ହୋଇଯାଇଛନ୍ତି। ଏହା ଜାଣିଲା ପରେ କାଲିମେଲା ଥାନାରେ ତାଙ୍କ ନାମରେ ଭୋଳାନାଥ ରାଙ୍କ ସହ ଅନ୍ୟମାନେ ଏତଲା ଦେଇଛନ୍ତି। କେସ୍ ନଂ. ୧୩୭/୨୦ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଖୁବ୍ ଶୀଘ୍ର ଅଭିଯୁକ୍ତ ଧରାପଡିବେ ବୋଲି ଥାନା ଅଧିକାରୀ ସୁରଜ କୁମାର ଝଙ୍କାର କହିଛନ୍ତି।

# ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ

କୋରାପୁଟ,୧୬।୧୦(ସ୍ୱ.ପ୍ର.)

କୋରାପୁଟ ସଦର ଥାନା ଅନ୍ତର୍ଗତ କୋଟା ଗ୍ରାମରେ ଗରମ ପାଣି ଦେବାକୁ କେନ୍ଦ୍ର କରି ଜଣେ ସ୍ୱାମୀ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଗୁରୁବାର ରାତିରେ କୋଟା ଗ୍ରାମର ଶିବ ପରଜା ସ୍ତ୍ରୀ କୁଜିଂଙ୍କୁ ପରଜା ଗରମ ପାଣି କରି ଦେବାକୁ କହିଥିଲେ। ଏହା କରିବାକୁ କୁଜିଂ ମନା କରିଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଶିବ ଏକ ଟାଙ୍ଗିଆରେ କୁଜିଂଙ୍କ ବେକକୁ ବାରମ୍ବାର ଚୋଟ ପକାଇଥିଲେ। ଘଟଣା ସ୍ଥଳରେ ସ୍ତ୍ରୀ କୁଜିଂଙ୍କ ମୃତ୍ୟୁ ହୋଇଥିଲା । ଶିବଙ୍କ ପୁଅ ଗୁରୁ ପରଜା ଶୁକ୍ରବାର ଏନେଇ ସଦର ଥାନାରେ ଏତଲା ଦେବା ପରେ ଏକ ୧୧୯/୨୦ ରୁଜୁ ହୋଇଛି। ଶିବଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ କହିଛନ୍ତି।

# ୨ ଜିଲାରୁ ୯୩ ପଜିଟିଭ ଚିହ୍ନଟ

କୋରାପୁଟ/ମାଲକାନଗିରି, ୧୬।୧୦(ସ୍ୱ.ପ୍ର./ଡି.ଏନ.ଏ.)

କୋରାପୁଟ ଓ ମାଲକାନଗିରି ଜିଲାରେ ଶୁକ୍ରବାର ୯୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲାରେ ୩୮ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲାରେ ୫୫ ଜଣ ରହିଛନ୍ତି। କୋରାପୁଟରେ ଏହି ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ସଂଖ୍ୟା ୬୮୦୦ ଟପିଛି। ସଂକ୍ରମିତଙ୍କ ମଧ୍ୟରେ ଜୟପୁର ମ୍ୟୁନିସିପାଲିଟି ରୁ ୭ ଜଣ, କୋରାପୁଟ ମ୍ୟୁନିସିପାଲିଟିରୁ ୫, କୋରାପୁଟ ବ୍ଲକରୁ ୨, ବୋରିଗୁମ୍ମା ବ୍ଲକରୁ ୬, ବୈପାରିଗୁଡା ବ୍ଲକରୁ ୫, ଜୟପୁର, ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗୀ ବ୍ଲକରୁ ଜଣେ ଲେଖାଏ, ଦଶମନ୍ତପୁର ଓ କୋଟପାଡ ବ୍ଲକରୁ ୨ ଲେଖାଏ, କୁନ୍ଦୁରା ବ୍ଲକରୁ ୬ ଜଣ ସଂକ୍ରମିତ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ମାଲକାନଗିରିରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୧୦ ଜଣ, ବାଲିମେଳା ଏନଏସିରୁ ଜଣେ, ମାଥିଲି ବ୍ଲକରୁ ୫, ମାଲକାନଗିରି ବ୍ଲକରୁ ୧୯, ପଡିଆ ଓ କାଲିମେଳା ବ୍ଲକରୁ ୫ ଲେଖାଏ, କୋରୁକୋଣ୍ଡା ବ୍ଲକରୁ ୩ ଏବଂ ଖଇରପୁଟ ବ୍ଲକରୁ ୭ ଜଣ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଗୁଣପୁର ପଥର ଖାଦାନରେ ବିସ୍ଫୋରଣ ପରେ


ବିସ୍ଫୋରଣରେ କ୍ଷତିଗ୍ରସ୍ତ ଟ୍ରାକ୍ଟର।


ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଗୁରୁତର ଶ୍ରମିକ।


ଅତିରିକ୍ତ ଜିଲାପାଳ କ୍ଷତିଗ୍ରସ୍ତଙ୍କ ପରିବାରକୁ ସହାୟତା ପ୍ରଦାନ କରୁଛନ୍ତି।

# ମୌଳିକ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋଚନା

**ଡିଏଲ୍ଏସ୍ଏ ପକ୍ଷରୁ ଅନ୍‌ଲାଇନ୍ ସଚେତନତା**

ରାୟଗଡ଼ା ଅଫିସ,୧୬।୧୦

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ଗୁରବାର ଏକ ଅନ୍‌ଲାଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗରିକମାନଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ଜିଲା ଓ ଦୌରା ଜଜ୍ ତଥା ଡିଏଲ୍ଏସ୍ଏ ଅଧକ୍ଷ ଜ୍ଞାନ ରଞ୍ଜନ ବାରିକଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରପତି, କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଏବଂ ଆଇନଜୀବୀମାନେ ଅଂଶଗ୍ରହଣ କରିଥିଲେ। ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ସୁବାସିନୀ ବେହେରା, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶୋଭନ କୁମାର ପଣ୍ଡା, ବିଷମକଟକ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ଶ୍ରୀ କୁମାର ସ୍ପନ୍ଦନ ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ମୌଳିକ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ଡିଏଲ୍ଏସ୍ଏର ସଚିବ ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ୫ ପଞ୍ଚାୟତକୁ ସଶକ୍ତ କରୁଛି ହଳଦୀଚାଷ

ଚିତ୍ରକୋଣ୍ଡା,୧୬।୧୦(ଡିଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ଏବେ ହଳଦୀଚାଷ ପାଇଁ ବେଶ୍ ପରିଚିତ। ଏଠାକାର ପ୍ରାକୃତିକ ପରିବେଶ ଓ ପାହାଡିଆ ଜଙ୍ଗଲ ଜମି ଯୋଡ଼ାମ୍ବ, ପଣସପୁଟ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡ଼ି ପଞ୍ଚାୟତବାସୀ କରିଥାନ୍ତି ହଳଦୀଚାଷ। ଏହି ପଞ୍ଚାୟତଗୁଡିକର ଚାଷୀଙ୍କୁ ହଳଦୀଚାଷ କରୁଛି ସଶକ୍ତ। ପଣସପୁଟର ଏପରି ଜଣେ ମହିଳା ହଳଦୀଚାଷୀ ହେଉଛନ୍ତି ଅଲଙ୍କା ସେଠୀ। ସେ ନିଜ ଜମିରେ ପ୍ରତିବର୍ଷ ଗୋଟିଏ ଏକର ଜମିରେ ହଳଦୀ ଚାଷ କରିଥାନ୍ତି। ସେ କୁହନ୍ତି , ଗୋଟିଏ ଜମିରୁ ଦୁଇ ବର୍ଷରେ ଥରେ ହଳଦୀ ଅମଳ ହୋଇଥାଏ। ଏହାକୁ ସଫା କରି, ଗରମ ପାଣିରେ ସିଝାଇ ପରେ ଭଲ ଭାବରେ ଶୁଖାଯାଇଥାଏ। ପ୍ରତି ବର୍ଷ ୪ରୁ ୭ କୁଇଣ୍ଟାଲ ପର୍ଯ୍ୟନ୍ତ ହଳଦୀ ଅମଳ ହୋଇଥାଏ। ଏହାକୁ ମୋଠାରୁ କେଜି ପ୍ରତି ୭୦ ଟଙ୍କା ଦରରେ ବ୍ୟବସାୟୀମାନେ ଆସି କିଣି ନେଇଥାନ୍ତି ବୋଲି କହନ୍ତି ଅଲଙ୍କା। ଏଥିରୁ ତାଙ୍କୁ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ପଣସପୁଟ ଗ୍ରାମର ଆଉ ଜଣେ ମହିଳା ହଳଦୀ ଚାଷୀ ହେଲେ ସୁବାରାଓ ସେଠୀଙ୍କ ସ୍ତ୍ରୀ କାମସେଲ ସେଠୀ। ସେ ମଧ ସମାନ ପଦ୍ଧତିରେ ହଳଦୀ ଚାଷ କରି ଲାଭ ପାଉଥିବା କହନ୍ତି। କେବଳ ଆମେ ନୁହେଁ ଉପରୋକ୍ତ ୫ ପଞ୍ଚାୟତରେ ଅନେକ ମହିଳା ଚାଷୀ ଅଛନ୍ତି। ସେମାନଙ୍କୁ ଆବଶ୍ୟକ ବଜାର ବ୍ୟବସ୍ଥା ଓ ସରକାରୀ ପ୍ରୋତ୍ସାହନ ମିଳିଲେ ସ୍ୱାଭିମାନ ଅଞ୍ଚଳର ହଳଦୀ ବିଭିନ୍ନ ଜିଲା ସହ ଅନ୍ୟ ରାଜ୍ୟକୁ ପଠାଯାଇପାରିଲେ ଉକ୍ତ ଅଞ୍ଚଳ ସୁନାମ ଅର୍ଜନ କରନ୍ତା ବୋଲି ଏହି ଦୁଇ ମହିଳା ଚାଷୀ ମତ ରଖନ୍ତି। ସୂଚନାଯୋଗ୍ୟ ଯେ, ଜିଲା ପ୍ରଶାସନ କିଛିମାସ ତଳେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ହଳଦୀକୁ ମାନ ନିରୂପଣ ପାଇଁ ଦିଲ୍ଲୀ ପଠାଇଥିଲା। ଏଥିସହ ପରୀକ୍ଷା ପାଇଁ କନ୍ଧମାଳ ହଳଦୀ ମଧ ଯାଇଥିଲା। ତେବେ ସ୍ୱାଭିମାନ ଅଞ୍ଚଳର ହଳଦୀ ଉତ୍କୃଷ୍ଟ ବୋଲି ରିପୋର୍ଟ ଆସିଥିଲା। ହଳଦୀ ଚାଷର ଉନ୍ନତି ପାଇଁ ଉକ୍ତ ଅଞ୍ଚଳରେ ହଳଦୀ ମଣ୍ଡି ପ୍ରତିଷ୍ଠା, ଷ୍ଟୋରେଜ ସହିତ ପ୍ରୋସେସିଂ ୟୁନିଟର ବ୍ୟବସ୍ଥା, ଏହାକୁ ଏକ ପାଇଲଟ ପ୍ରକଳ୍ପ ରୂପେ ଗ୍ରହଣ କରି ଉଦ୍ୟାନ କୃଷି ବିଭାଗ, ଆଇଟିଡିଏ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଣ୍ଟା ଭିଡିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

**ମହିଳା ଚାଷୀଙ୍କୁ ଦେଉଛି ରୋଜଗାର**
- ବାର୍ଷିକ ୪୦ ହଜାର ପର୍ଯ୍ୟନ୍ତ ରୋଜଗାର କରନ୍ତି
- ମଣ୍ଡି, ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା ହେଉ
- ଆଗକୁ ବଢ଼ିବାକୁ ସରକାରୀ ପ୍ରୋତ୍ସାହନ ନାହିଁ



୨ ମହିଳା ଚାଷୀ ଅଲଙ୍କ ଓ କାମସେଲ।

